# OFFICE OF THE TAHASILDAR, GONDIA

**Letter No.** 813 **/Dt.** 29.02.2020

**To**

**The District Information Officer,**
**Dhenkanal.**

**Sub: Publication of Tender Advertisement of Sairat Sources in daily newspaper for settlement on long term basis-Reg.**

**Sir,**

In enclosing herewith the list of Sairat Sources with its advertisement I am to request you to kindly upload the advertisement and list of sources in the Dist. Website for wider publication. As the sources is scheduled to be tendered on Dt.20.03.2020, Dt.27.03.2020 & Dt.04.04.2020 respectively. The matter may please be treated as urgent.

This is for favour of your kind information and necessary action.

Yours faithfully

29/02/2020

**Tahasildar, Gondia**

**Memo No-** 814 **/Date-** 29.02.2020

Copy submitted to the Collector, Dhenkanal/Sub-Collector, Dhenkanal for favour of kind information and necessary action.

29/02/2020

**Tahasildar, Gondia**

REDMI NOTE 8 PRO
AI QUAD CAMERA

Scanned with CamScanner

# ତହସିଲଦାର ଗଁଦିଆଙ୍କ କାର୍ଯ୍ୟାଳୟ

ସଂଖ୍ୟା ......୬୮୫....../ତାରିଖ.....୨୭.୦୨.୨୦୨୦......

## ଲଘୁ ଖଣିଜ ସକାଶେ ଲିଜ୍ ଇସ୍ତାହାର

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ଗଁଦିଆ ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ଲଘୁ ଖଣିଜ ଖାଦାନ କୁ ଆସନ୍ତା ୫(ପାଞ୍ଚ) ବର୍ଷ ଅର୍ଥାତ (From the year 2020-21 to 2024-25) ଆର୍ଥିକ ବର୍ଷ ନିମନ୍ତେ ଲିଜ୍ ପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର ଗଁଦିଆଙ୍କ ଦ୍ୱାରା ବନ୍ଦ ଲଫାପା ଟେଣ୍ଡର ମାଧ୍ୟମରେ ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ସବିଶେଷ ତଥ୍ୟ OMMC Rules 2016 Form – M ରେ ପୁରଣ କରି ଏହାର ତିନି କପି ସହ ନିମ୍ନ ଲିଖିତ ଦଲିଲ ସଂଲଗ୍ନ କରି Sealed Cover ରେ ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ରେ ତା ୧୯.୦୩.୨୦୨୦, ୨୬.୦୩.୨୦୨୦ ଓ ୦୩.୦୪.୨୦୨୦ ରିଖ ଅପରାହ୍ନ ୫ ଟା ସୁଦ୍ଧା ରେଜେଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ଼ ପୋଷ୍ଟ ମାଧ୍ୟମରେ ତହସିଲ ଅଫିସରେ ଦାଖଲ କରିବେ । ସମସ୍ତ ପ୍ରାପ୍ତହୋଇଥିବା ବନ୍ଦ ଲଫାପାଗୁଡ଼ିକ ତା ୨୦.୦୩.୨୦୨୦ ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧ ଙ୍କ ଉପସ୍ଥିତିରେ ଖୋଲାଯାଇ ଦରଖାସ୍ତ ଗୁଡ଼ିକ ତନଖି କରାଯିବ ଏବଂ ସର୍ବୋଚ୍ଚ ଦର ଧାର୍ଯ୍ୟ ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଅସଂପୁର୍ଣ୍ଣ ଦରଖାସ୍ତ ଗୁଡ଼ିକ ଖାରଜ କରାଯିବ। ତା ୨୦.୦୩.୨୦୨୦ ରେ ନିଲାମ ହୋଇପାରିନଥିବା ସୈରାତ ଗୁଡ଼ିକ ପୁନଶ୍ଚ ପରବର୍ତ୍ତୀ ତା ୨୭.୦୩.୨୦୨୦ ଓ ୦୪.୦୪.୨୦୨୦ ରିଖ ରେ ନିଲାମ ହେବ ।

୦୧. ଦରଖାସ୍ତ ଫି ସକାଶେ ଟ ୧୦୦୦.୦୦ ( ଏକହଜାର ଟଙ୍କା ) ର ଟ୍ରେଜେରୀ ଚାଲାଣ ।

୦୨. ଆବେଦନକାରୀ ଅମାନତ ରାଶି ସ୍ୱରୁପ ରୟାଲଟି ଏବଂ Additional Charge, MGQ ର ବାର୍ଷିକ ୫% ଯାହାକି ଡ଼ିମାଣ୍ଡ ଡ୍ରାଫ୍ଟ ତହସିଲଦାର ଗଁଦିଆ ସପକ୍ଷରେ ଥାଇ ବନ୍ଦ ଲଫାପାରେ ଦରଖାସ୍ତ ସହିତ ସଂଲଗ୍ନ କରିବା ଆବଶ୍ୟକ ଅଟେ ।

୦୩. ଆବେଦନ କରିଥିବା ଲିଜ୍ ଜମିର ସମ୍ପୁର୍ଣ୍ଣ ବିବରଣୀ ଓ ନକ୍ସା ।

୦୪. କୌଣସି ମାଇନିଙ୍ଗ ତଥା ରାଜସ୍ୱ ପାଉଣା ବାକି ନଥିବା ନେଇ ଏକ ସତ୍ୟପାଠ ।

୦୫. ଆବେଦନ ଜମି ଯଦି ରୟତି ହୋଇଥାଏ , ତେବେ ସେହି ଜମିର ମାଲିକଙ୍କ ସହମତି ।

୦୬. ଆବେଦନକାରୀ ସଲଭେନସି ସାର୍ଟିଫିକେଟ ପରିବର୍ତ୍ତେ (ସଂପୃକ୍ତ ଖଣିର ବାର୍ଷିକ ଉତ୍ତୋଳନ ହେବାକୁ ଥିବା ମୋଟ Minimum Guaranteed Quantity (MGQ) ରୟାଲଟିର ପରିମାଣର ସମାନ ଅର୍ଥର) Bank Guarantee ତହସିଲଦାର ଗଁଦିଆଙ୍କ ସପକ୍ଷରେ ଦାଖଲ କରିବା ସଙ୍ଗେ ସଙ୍ଗେ ଚଳିତ ବର୍ଷର IT Return ଦାଖଲ କରିବେ ।

୦୭. ଅନ୍ୟ ବିବରଣୀ ଯଥା, ବୈଷୟିକ ଜ୍ଞାନ, ଦକ୍ଷତା, ଆର୍ଥିକ ସ୍ଥିତି ଏବଂ ନିଜ ପାଖରେ ଥିବା ଯନ୍ତ୍ରପାତିର ବିବରଣୀ।

REDMI NOTE 8 PRO
AI QUAD CAMERA

୦୮. ଚଳିତ ବର୍ଷର G.S.T Clearance ସାର୍ଟିଫିକେଟର ନକଲ ।

Scanned with CamScanner

# ସର୍ତ୍ତାବଳୀ

୦୧. ଆବେଦନକାରୀ ମାନେ ଓଡ଼ିଶା ଲଘୁ ଖଣି ଦ୍ରବ୍ୟ ରିହାତି ଆଇନ ୨୦୧୬ ର ପରିସର ଭୁକ୍ତ ହେବେ ।

୦୨. ଲିଜ୍‌ଧାରୀ Mines Act 1952 ଓ Explosive Act 1984 ର ସମସ୍ତ ନିୟମ ଓ ନିୟମାବଳୀର ଅନ୍ତର୍ଭୁକ୍ତ ହେବେ ।

୦୩. ଲିଜ୍ ର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଓ ସର୍ବାଧିକ Additional Charge ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ୍ ଦିଆଯିବ ।

୦୪. ସର୍ବୋଚ୍ଚ Additional Charge ଦାଖଲ ପାଇଁ ଦରଖାସ୍ତ କରିଥିବା ଆବେଦନକାରୀ ଲିଜ୍ ନ ନେଲେ ତତ୍ପରବର୍ତ୍ତୀ ସର୍ବୋଚ୍ଚ ଆବେଦନକାରୀଙ୍କୁ ଲିଜ୍ ନେବାର ସୁଯୋଗ ଦିଆଯିବ କିମ୍ବା ଦୁଇ ଆବେଦନକାରୀଙ୍କ ଦର୍ଶାଯାଇଥିବା Additional Charge ର ମୂଲ୍ୟ ସମାନ ପରିଲିଖିତ ହୁଏ ତେବେ ତାହା ଧର୍ମଗୋଳା ମାଧ୍ୟମରେ (By draw of lots) ନିଲାମଧାରୀ ଚୟନ କରାଯିବ ।

୦୫. ଯଦି କୌଣସି ଦରଖାସ୍ତକାରୀ ଆବଶ୍ୟକୀୟ କାଗଜାତ ନଦେଇ କିମ୍ବା ପ୍ରଚଳିତ Additional Charge ଧାର୍ଯ୍ୟ ଦରଠାରୁ କମ୍ ଦରରେ ଦରଖାସ୍ତ କରିଥିବା ଦରଖାସ୍ତକାରୀ ଙ୍କ M ଫର୍ମ ଖାରଜ କରିଦିଆଯିବ ତଥା ଅସମ୍ପୂର୍ଣ୍ଣ ଦରଖାସ୍ତ ଗ୍ରହଣଯୋଗ୍ୟ ହେବ ନାହିଁ ।

୦୬. ପ୍ରଚଳିତ ନିୟମ ଅନୁଯାୟୀ ଲିଜ୍‌ଧାରୀ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦେୟ ପଇଠ କରିବା ପାଇଁ ବାଧ୍ୟ ହେବେ ।

୦୭. ସର୍ବୋଚ୍ଚ Additional Charge ଦାଖଲ ପାଇଁ ଆବେଦନ କରିଥିବା ବ୍ୟକ୍ତି ଲିଜ୍ ଗ୍ରହଣ ନକଲେ ତାଙ୍କର ଜମାରାଶି ବାଜ୍ୟାପ୍ତି କରାଯିବ ଓ ୨ୟ ସର୍ବୋଚ୍ଚ Additional Charge ଉଲେଖ କରିଥିବା ଆବେଦନକାରୀଙ୍କୁ ଲିଜ୍ ଗ୍ରହଣ କରିବା ପାଇଁ ସୁଯୋଗ ଦିଆଯିବ ।

୦୮. ଲିଜ୍ ମଞ୍ଜୁରୀପରେ ଲିଜ୍‌ଧାରୀ ମାଇନିଙ୍ଗ ପ୍ଲାନ ପ୍ରସ୍ତୁତି ପାଇଁ ଆବଶ୍ୟକ ଅର୍ଥ ଦାଖଲ କରିବେ। ଲିଜରାଶି + Additional Charge + DMF ର ରାଶି ସହିତ ୨୫ % ଅମାନତ ଆକରରେ ଜମା କରିବେ ।

୦୯. ଲିଜ ଅବଧି ମଧ୍ୟରେ ଲିଜଧାରୀ ଲିଜ ସମ୍ପର୍କୀୟ ସର୍ତ୍ତାବଳୀର ଉଲଙ୍ଘନ କଲେ ତାଙ୍କର ଲିଜ ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଜମାରାଶିକୁ ବାଜ୍ୟାପ୍ତି ହେବ ।

୧୦. ଲିଜଧାରୀ ଲିଜରାଶି ଓ ଅମାନତ ଟଙ୍କା ବ୍ୟତିରକେ ୧୦% ଲିଜରାଶି (DMFT) ପାଇଁ ଜମା କରିବେ ।

୧୧. ଲିଜଧାରୀ ଲିଜ ରାଶିର ୫% (Environmental Management Fund) ଆକାରରେ ଦାଖଲ କରିବା ପାଇଁ ବାଧ୍ୟ ହେବେ ।

୧୨. ଜିଲ୍ଲାପାଳ ତଥା Conservator of Forest ଉପଯୁକ୍ତ କାରଣ ଦର୍ଶାଇ ଲିଜ୍‌କୁ ରଦ୍ଦ କରିବାର ସମସ୍ତ କ୍ଷମତା ରଖନ୍ତି ।

REDMI NOTE 8 PRO
AI QUAD CAMERA

Scanned with CamScanner

୧୩. ତହସିଲ କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟଦିବସରେ ଇଚ୍ଛୁକ ପ୍ରାର୍ଥୀ, M ଫର୍ମ, ଲିଜ ସର୍ତ୍ତାବଳୀ ତଥା ସୈରାତର ସମସ୍ତ ବିବରଣୀ ଅବଗତ ହୋଇ ପାରିବେ ।

୧୪. ଲିଜ୍‌ଧାରୀ ଲିଜ ପାଇବା ପରେ ସୈରାତ ପରିଚାଳନା ପାଇଁ OMMC Rules, 2016 ର ସମସ୍ତ ସର୍ତ୍ତାବଳୀକୁ ମାନିବାକୁ ବାଧ୍ୟ ହେବେ ।

୧୫. ସର୍ବୋଚ୍ଚ ନିଲାମଧାରୀ ଙ୍କୁ ତାଙ୍କ ସପକ୍ଷରେ ଖଣି ମଞ୍ଜୁର ହୋଇଥିବା ବିଷୟ ଫର୍ମ ନଂ F ରେ ସାତ ଦିନ ମଧ୍ୟରେ ଜଣାଇ ଦିଆଯିବ ।

୧୬. ମାଇନିଙ୍ଗ ପ୍ଲାନରେ ଦର୍ଶାଯାଇଥିବା ବାର୍ଷିକ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନର ପରିମାଣ ତଥା ଲିଜ୍‌ଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ରୟାଲଟି ଓ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦରକୁ ଏକତ୍ର କରି ଗୁଣନ କଲେ ଯେଉଁ ପରିମାଣ ଅର୍ଥ ହେବ ତାହା ସହିତ ଅନ୍ୟାନ୍ୟ ସରକାରୀ ଦେୟ ଲିଜଧାରୀ Environment Clearance ଆଣି ସାରିଲା ପରେ ପୈଠ କରିବେ । ସମ୍ପୂର୍ଣ୍ଣ ରାଶି ପୈଠ ହେଲାପରେ ଲିଜ୍‌ଧାରୀ ରେଜିଷ୍ଟ୍ରେସନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ ଚୁକ୍ତିପତ୍ର (Execution of Lease Deed) ସମ୍ପାଦନ କରିବେ ଏବଂ ଖଣି ପରିଚାଳନା ପାଇଁ Regional Officer State Pollution Control Board, Angul ଙ୍କ ଠାରୁ CTO ଆଣିବା ପାଇଁ ବାଧ୍ୟ ହେବେ ।

୧୭. ପରିବେଶ ମଞ୍ଜୁରି ପାଇଁ ଆବଶ୍ୟକ ଅର୍ଥ ଲିଜ୍‌ଧାରୀ ଦାଖଲ କରିବେ ।

୧୮. ଲିଜ୍ ଲାଗି ଆବେଦନ କରିବା ଇସ୍ତାହାରରେ ଦର୍ଶିତ ଲଘୁ ଖଣିଜ ଖାଦାନ ଗୁଡ଼ିକ ପୁର୍ବରୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜ୍‌ରେ ଅଂଶ ଗ୍ରହଣ କରିବେ ।

୧୯. ଲିଜ୍ ଗ୍ରହଣ କରିସାରିଲା ପରେ ଲିଜ୍ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା ଏଥି ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୨୦. ଲିଜ୍ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

୨୧. ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପୈଠ ହୋଇଥିବା ଜମାରାଶି କୁ ବାଜ୍ୟାପ୍ତ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଅଛି ।

୨୨. ଜମା ରୟାଲଟିର ରାଶିର (୨%) ଲିଜ୍‌ଧାରୀ T.C.S ବାବଦକୁ ନଗଦ ଆକାରରେ ଜମା କରିବେ ଏବଂ ଲିଜ୍‌ଧାରୀ ରୟାଲଟିର ୫% EMF ଓ ୧୦% DMFT ବାବଦକୁ ଦାଖଲ କରିବେ ।

୨୩. ଲିଜ୍‌ଧାରୀ ସୈରାତ ଉପ୍ତର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ଼ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉପ୍ତର ନକ୍ସା, ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନ ଖର୍ଚ୍ଚ ଲିଜ୍‌ଧାରୀ ବହନ କରିବେ ।

Scanned with CamScanner

୨୪. ଲିଜ୍‌ଧାରୀ ନିଜ ଖର୍ଚ୍ଚରେ ଆଞ୍ଚଳିକ ଅଧିକାରୀ ପ୍ରଦୁଷଣ ବୋର୍ଡ, ଅନୁଗୁଳଙ୍କ ଠାରୁ CTO ପ୍ରାପ୍ତ ପରେ ଖଣି ପରିଚାଳନା ପାଇଁ ଯୋଗ୍ୟ ହେବେ

୨୫. ରୟାଲଟି (Royalty) ଓ ଅତିରିକ୍ତ ମୂଲ୍ୟ (Additional Charge) ଅନୁମୋଦିତ ମାଇନଂ ପ୍ଲାନରେ ଦର୍ଶାଯାଇଥିବା MGQ ଆଧାରରେ ଲିଜଧାରୀ ଦାଖଲ କରିବାକୁ ବାଧ୍ୟ ହେବେ ।

୨୬. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୁରଣ ହେଲାପରେ ଲିଜ୍‌ଧାରୀଙ୍କୁ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନମିଳିବା ପର୍ଯ୍ୟନ୍ତ ଲିଜ୍‌ଧାରୀ ସୈରାତ ଉତ୍ସରୁ ଖଣିଜ ପଦାର୍ଥ ଉଠାଇ ପାରିବେ ନାହିଁ ।

୨୭. ଲିଜ୍ ସମ୍ବନ୍ଧୀୟ ସର୍ତ୍ତାବଳୀ ଗଁଦିଆ ତହସିଲ୍ କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ଦେଖି ପାରିବେ ।

୨୮. ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ ( ଛୁଟିଦିନ ବ୍ୟତିତ ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ www.dhenkanal.nic.in ରେ ଉପଲବ୍ଧ ହେବ ।

୨୯. ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷ ଙ୍କ ପାଖରେ ରହିଛି ।

୩୦. ଲିଜ ଗ୍ରହଣ କରିବାପାଇଁ ଦରଖାସ୍ତ ନିଲାମ ତାରିଖର ପୂର୍ବଦିନ ଯଥା ୧୯.୦୩.୨୦୨୦, ୨୬.୦୩.୨୦୨୦ ଓ ୦୩.୦୪.୨୦୨୦ ତାରିଖ ୫ଟା ପର୍ଯ୍ୟନ୍ତ ଗ୍ରହଣ କରାଯିବ । ତା ପରେ ଆସିଥିବା ଦରଖାସ୍ତ ଗ୍ରହଣଯୋଗ୍ୟ ହେବନାହିଁ ।

୩୧. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

ତହସିଲଦାର, ଗଁଦିଆ

ସ୍ମାରକ ସଂଖ୍ୟା ...୪୧୬.../ ତାରିଖ ...୨୭.୦୨.୨୦୨୦...

ଏହାର ଏକକିତା ନକଲ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ, ଢେଙ୍କାନାଳ / ଗୋଷ୍ଠିଉନ୍ନୟନ ଅଧିକାରୀ ଗଁଦିଆ / ସମସ୍ତ ଗ୍ରାମପଞ୍ଚାୟତ/ ତହସିଲଦାର ଗଁଦିଆ ଓ ସମସ୍ତ ରାଜସ୍ୱ ନିରିକ୍ଷକ ଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ / ସମ୍ପୃକ୍ତ ଗ୍ରାମର କୋଠ ଘର ଓ ସମ୍ପୃକ୍ତ ସୈରାତ ସ୍ଥଳୀରେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଗଁଦିଆ

Scanned with CamScanner

# ସୈରାତର ବିବରଣୀ - ଗଁଦିଆ ତହସିଲ - ଆର୍ଥିକ ବର୍ଷ ୨୦୨୦-୨୦୨୧ ଠାରୁ ୨୦୨୪-୨୫ ପର୍ଯ୍ୟନ୍ତ

| କ୍ରମିକ ନଂ | କେଶ ନଂ | ଲଘୁ ଖଣିଜ ଉତ୍ସର ନାମ | ମୌଜା | ଖାତା | ପ୍ଲଟ | ରକବା (in Hect.) | ସର୍ବ ନିମ୍ନ ମୂଲ୍ୟ (per Cm) | ଅତିରିକ୍ତ ମୂଲ୍ୟ (Additional Charge (Per Cum) | ମୋଟ ଧାର୍ଯ୍ୟ ମୂଲ୍ୟ (Per Cum) | ସର୍ବ ନିମ୍ନ ଗ୍ୟାରେଣ୍ଟେଡ୍ ପରିମାଣ | ଅମାନତ ରାଶି (EMD) | Bank Gurantee ( IT Return ଆବଶ୍ୟକ |
|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧ | ୦୧/୨୦୨୦-୨୧ | ଗୋପାଳପୁର ବାଲିଘାଟ | ଗୋପାଳପୁର | ୧୨୨ | ୦୧ | ୮.୦୯ | ୩୫/- | ୫୫/- | ୯୦/- | ୧୦,୦୦୦ Cum ବାର୍ଷିକ | ୪୫,୦୦୦/- | ୯,୦୦,୦୦୦/- |
| ୨ | ୦୨/୨୦୨୦-୨୧ | କାଶିପୁର ବାଲିଘାଟ | କାଶିପୁର | ୬୫ | ୦୪ | ୮.୦୯ | ୩୫/- | ୫୫/- | ୯୦/- | ୧୦,୦୦୦ Cum ବାର୍ଷିକ | ୪୫,୦୦୦/- | ୯,୦୦,୦୦୦/- |
| ୩ | ୦୩/୨୦୨୦-୨୧ | ଆମ୍ବପଡା ବାଲିଘାଟ ନଂ-୧ | ଆମ୍ବପଡା | ୩୫୬ | ୨ | ୮.୦୯ | ୩୫/- | ୫୫/- | ୯୦/- | ୧୦,୦୦୦ Cum ବାର୍ଷିକ | ୪୫,୦୦୦/- | ୯,୦୦,୦୦୦/- |
| ୪ | ୦୪/୨୦୨୦-୨୧ | ଆମ୍ବପଡା ବାଲିଘାଟ ନଂ-୨ | ଆମ୍ବପଡା | ୩୫୬ | ୧/୩୦୯୦ | ୮.୦୯ | ୩୫/- | ୫୫/- | ୯୦/- | ୧୦,୦୦୦ Cum ବାର୍ଷିକ | ୪୫,୦୦୦/- | ୯,୦୦,୦୦୦/- |
| ୫ | ୦୫/୨୦୨୦-୨୦୨୧ | ଦଲାର ବାଲିଘାଟ | ଦଲାର | ୨୯୦ | ୩୬୩ | ୪.୦୪ | ୩୫/- | ୫୫/- | ୯୦/- | ୨୪,୦୦୦ Cum ବାର୍ଷିକ | ୧,୦୮,୦୦୦/- | ୨୧,୬୦,୦୦୦/- |
| | | | | | ୩୬୪ | ୬.୦୬ | | | | | | |
| ୬ | ୦୬/୨୦୨୦-୨୧ | ଛାଟିଆ ମାଙ୍କଡା ପଥର ଖଦାନ | ଛାଟିଆ | ୨୪୬ | ୮୧୬ | ୧.୧୫ | ୧୮୦/- | ୬୦/- | ୨୪୦/- | ୧୦,୦୦୦ Cum ବାର୍ଷିକ | ୧,୨୫,୦୦୦/- | ୨୫,୦୦,୦୦୦/- |

ସ୍ୱା : ତହସିଲଦାର , ଗଁଦିଆ

Scanned with CamScanner